# ଅଧ୍ୟାୟ-୪
# ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳକ

**୧୯. ବାଳକ କଲ୍ୟାଣ କମିଟି-**

ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଁ ବାଳକ କଲ୍ୟାଣ କମିଟି କାର୍ଯ୍ୟ କରିବ ଏବଂ ଏହାକୁ ଆଇନ୍‌ର ଧାରା ୨୯ ଅନ୍ତର୍ଗତ ଉପଧାରା (୧) ଅନୁଯାୟୀ ରାଜ୍ୟ ସରକାର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶନ ଜରିଆରେ ଗଠନ କରିବେ।

**୨୦. ବାଳକ କଲ୍ୟାଣ କମିଟିର ସାଂଗଠନିକ ଢାଞ୍ଚା-**

(୧) କମିଟିରେ ଜଣେ ଅଧ୍ୟକ୍ଷଙ୍କ ଛଡା ଆଉ ଚାରି ଜଣ ସଦସ୍ୟ ରହିବେ, ଏବଂ ଏହି ସଦସ୍ୟମାନଙ୍କ ଭିତରେ ଜଣେ ମହିଳା ହୋଇଥିବେ।

(୨) ନିୟମ ୧୯ ଅନୁଯାୟୀ କମିଟି ଗଠନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ହୋଇଥିବା ଏକ ଚୟନ କମିଟିଙ୍କ ସୁପାରିଶ୍ କ୍ରମେ କମିଟିର ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନେ ନିଯୁକ୍ତ ହେବେ।

(୩) ଚୟନ କମିଟିର ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନଙ୍କୁ ଚୟନ କଲାବେଳେ ଏହା ଯଥାସମ୍ଭବ ସୁନିଶ୍ଚିତ କରିବେ ଯେ, ସେମାନେ ଯେପରି କୌଣସି ପୋଷ୍ୟସନ୍ତାନ ପରିଚାଳନା ସଂସ୍ଥାର ହୋଇନଥିବେ।

(୪) ରାଜ୍ୟ ସରକାର ନିଜେ ଆବଶ୍ୟକ ମନେ କରିବା ମତେ କମିଟିର ସମସ୍ତ ସଦସ୍ୟଙ୍କୁ ବାଳକ ମନସ୍ତତ୍ତ୍ୱ, ବାଳକ କଲ୍ୟାଣ, ବାଳକ ଅଧିକାର ଏବଂ କିଶୋର ନ୍ୟାୟ ଉପରେ ଜାତୀୟ ଏବଂ ଆନ୍ତର୍ଜାତିକ ମାନଦଣ୍ଡସମୂହ ସମ୍ବନ୍ଧରେ ପ୍ରଶିକ୍ଷଣ ଏବଂ ଅନୁବର୍ତ୍ତନାର ବ୍ୟବସ୍ଥା କରିବେ।

**୨୧. କମିଟିର କାର୍ଯ୍ୟକାଳ -**

(୧) କମିଟିର କାର୍ଯ୍ୟକାଳ ୩ ବର୍ଷ ହେବ ଏବଂ କମିଟିର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କର କାର୍ଯ୍ୟକାଳ କମିଟିର କାର୍ଯ୍ୟକାଳ ସହିତ ସମବ୍ୟାପକ ରହିବ।

(୨) କମିଟିର ଅଧ୍ୟକ୍ଷ ତଥା ସଦସ୍ୟମାନେ ସର୍ବାଧିକ ଦୁଇଟି ଲଗାତାର କାର୍ଯ୍ୟକାଳ ପାଇଁ ନିଯୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ।

(୩) କମିଟିର ସଦସ୍ୟମାନଙ୍କର କାର୍ଯ୍ୟକାଳର ମିଆଦବୃଦ୍ଧି ଜିଲ୍ଲା ବାଳକ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କ ଦ୍ୱାରା ସେମାନଙ୍କ କାର୍ଯ୍ୟକଳାପର ସମୀକ୍ଷା ଉପରେ ନଚେତ୍ ଚୟନ କମିଟିଙ୍କ ସୁପାରିଶ୍ ଉପରେ ନିର୍ଭର କରିବ।

(୪) ଗୋଟିଏ କମିଟିର କାର୍ଯ୍ୟକାଳ ସମାପ୍ତ ହେବା ସତ୍ତ୍ୱେ ନିରବଚ୍ଛିନ୍ନତା ବଜାୟ ରଖିବାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଚଳିତ କମିଟିର କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ସରକାର ଏକ ନୂଆ କମିଟି ଗଠନ କରିବେ, ଏବଂ ତତ୍‌ପରେ ଚଳିତ କମିଟି ନବଗଠିତ କମିଟିକୁ ସମସ୍ତ ଦଲିଲ୍‌ପତ୍ର ଏବଂ ତଥ୍ୟାବଳୀ ହସ୍ତାନ୍ତର କରିବେ।

(୫) ଅଧ୍ୟକ୍ଷ ତଥା ସଦସ୍ୟମାନେ ଯେ କୌଣସି ମୁହୂର୍ତ୍ତରେ ଏକ ମାସର ଲିଖିତ ନୋଟିସ୍ ଦେଇ ଇସ୍ତଫା ଦେଇପାରନ୍ତି, ନତୁବା ଆଇନ୍‌ର ଧାରା ୨୯ ଅନ୍ତର୍ଗତ ଉପଧାରା (୪) ଅନୁଯାୟୀ ସେମାନଙ୍କୁ ସେମାନଙ୍କ ପଦରୁ ବହିଷ୍କାର କରାଯାଇ ପାରିବ।

(୬) କମିଟିରେ ଦୈବାତ୍ କୌଣସି ପଦ ଖାଲି ପଡିଲେ, ତାହା ଚୟନ କମିଟିଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ନାମତାଲିକା ଭିତରୁ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇ ପୂରଣ କରାଯିବ ଏବଂ ଉକ୍ତ ବ୍ୟକ୍ତି କମିଟିର ଅବଶିଷ୍ଟ କାର୍ଯ୍ୟକାଳ ପାଇଁ ପଦସ୍ଥ ରହିବେ।

**୨୨. ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କର ଯୋଗ୍ୟତା-**

(୧) ସେହି ବ୍ୟକ୍ତିଙ୍କୁ କମିଟିର ଅଧ୍ୟକ୍ଷ ବା ସଦସ୍ୟ ରୂପେ ଚୟନ କରାଯିବ, ଯେ କି ନିଜସ୍ୱ କର୍ମକ୍ଷେତ୍ରରେ ସର୍ବନିମ୍ନ ସାତବର୍ଷର ଅଭିଜ୍ଞତା ଆହରଣ କରିଥିବା ସହିତ ନିମ୍ନୋକ୍ତ କୌଣସି ଏକ ଯୋଗ୍ୟତାର ଅଧିକାରୀ ହୋଇଥିବେ:

(୧) ଜଣେ ବ୍ୟକ୍ତି ସାମାଜିକ କର୍ମ, ମନସ୍ତତ୍ତ୍ୱ, ବାଳୁତ ବିକାଶ, ଶିକ୍ଷା, ସମାଜଶାସ୍ତ୍ର, ଆଇନ୍ ବା ଅପରାଧବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବେ, ଏବଂ ଯେଉଁ ସ୍ଥଳେ ଏଭଳି ବ୍ୟକ୍ତି ମିଳିବେନି, ସେପରି ସ୍ଥଳେ ସମାଜ ବିଜ୍ଞାନର ଯେ କୌଣସି ବିଷୟରେ ଅନ୍ତତଃ ସ୍ନାତକ ଡିଗ୍ରୀ ହାସଲ କରିଥିବା ବ୍ୟକ୍ତି ;

(୨) ଜଣେ ଶିକ୍ଷକ, ଡାକ୍ତର ବା ସମାଜ କର୍ମୀ, ଯେ କି ବାଳୁତ ସଂପର୍କୀତ କାର୍ଯ୍ୟକ୍ରମରେ ଜଡିତ ଥିବେ ।

(୨) କମିଟିର ଅଧ୍ୟକ୍ଷ ତଥା କୌଣସି ସଦସ୍ୟଙ୍କର ବୟସ ୩୫ବର୍ଷରୁ କମ୍ ହୋଇନଥିବ ।

(୩) ଜଣେ ବ୍ୟକ୍ତିଙ୍କୁ କମିଟିର ଅଧ୍ୟକ୍ଷ ବା ସଦସ୍ୟ ପଦ ପାଇଁ ଚୟନ କରାଯିବ ନାହିଁ, ଯଦି ସେ-

(୧) ଅତୀତରେ କୌଣସି ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିବାର କୌଣସି ରେକର୍ଡ ଥିବ;

(୨) କୌଣସି ଏକ ଅନୈତିକ କାର୍ଯ୍ୟ ବା ବାଳୁତକୁ ଅପବ୍ୟବହାର ବା ଶ୍ରମରେ ନିଯୁକ୍ତି ଭଳି କୌଣସି କାର୍ଯ୍ୟରେ ଜଡିତ ହୋଇଥାନ୍ତି ;

(୩) ଏପରି ଏକ ସର୍ବକ୍ଷଣ ପେଷା ନିର୍ବାହ କରୁଥିବେ, ଯାହା ଫଳରେ ଆଇନ୍ ଏବଂ ଏହି ନିୟମାବଳୀ ଅନୁଯାୟୀ କମିଟିର କାର୍ଯ୍ୟନିର୍ବାହ ପ୍ରତି ଆବଶ୍ୟକୀୟ ସମୟ ଓ ଧ୍ୟାନ ଦେବା ତାଙ୍କ ପକ୍ଷେ ଅସମ୍ଭବ ;

(୪) ଆଇନ୍ ଏବଂ ଏହା ଅଧୀନରେ ପ୍ରସ୍ତୁତ ନିୟମାବଳୀରେ ବିହିତ ହୋଇଥିବା ଯୋଗ୍ୟତା ଏବଂ ଅଭିଜ୍ଞତାର ମାନଦଣ୍ଡକୁ ପୂରଣ କରୁନଥିବେ, ଏବଂ ଯଦି ଏଭଳି ଏକ ସମସ୍ୟା ଉପୁଜେ, ତେବେ ଚୟନ କମିଟି ଯଥାବିଧି ଅନୁସନ୍ଧାନ କରି ଏବଂ ପ୍ରକୃତ ତଥ୍ୟର ପ୍ରମାଣ ମିଳିବା ପରେ ଉକ୍ତ ବ୍ୟକ୍ତିଙ୍କର ଆବେଦନକୁ ଖାରଜ କରିବେ ଏବଂ ଖାଲିସ୍ଥାନ ପୂରଣ ଉଦ୍ଦେଶ୍ୟରେ ପ୍ରସ୍ତୁତ ଥିବା ନାମତାଲିକା ଭିତରୁ ପରବର୍ତ୍ତୀ ବ୍ୟକ୍ତିଙ୍କ ନାମ ସୁପାରିଶ୍ କରିବେ ।

**୨୩. ବୈଠକରେ ଯୋଗଦାନ ଏବଂ ଯାତାୟତ ପାଇଁ ଭତ୍ତା-**

କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କୁ ସେହି ପରିମାଣର ଯାତାୟତ ଓ ବୈଠକରେ ଯୋଗଦାନ ବାବଦକୁ ଭତ୍ତା ମିଳିବ ଯାହାକି ରାଜ୍ୟ ସରକାର ନିର୍ଦ୍ଧାରଣ କରିପାରନ୍ତି, କିନ୍ତୁ ପ୍ରତି ସଦସ୍ୟଙ୍କ ପାଇଁ ପ୍ରତି ବୈଠକ ପିଛା ପାଞ୍ଚଶହ ଟଙ୍କାରୁ ଏହା କମ୍ ହେବ ନାହିଁ ।

**୨୪. କମିଟିର ବୈଠକ -**

(୧) କମିଟି ନିଜର ବୈଠକଗୁଡିକୁ ଗୋଟିଏ ବାଳୁତ ଗୃହରେ ବା ବାଳୁତ ଗୃହ ନିକଟସ୍ଥ ଏକ ସ୍ଥାନରେ ବା ଆଇନ୍ ଅଧୀନରେ ପରିଚାଳିତ ହେଉଥିବା ଏକ ଅନୁଷ୍ଠାନର ଉପଯୁକ୍ତ ପରିସରରେ ଆୟୋଜନ କରାଇବେ ।

(୨) ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତ ବା ଏକାଧିକ ବାଳୁତଙ୍କ ସମ୍ବନ୍ଧରେ କମିଟିଙ୍କୁ ଏକ ସୂଚନା ମିଳିବା ପରେ ଯଦି ସେହି ବାଳୁତ ବା ବାଳୁତମାନଙ୍କୁ କମିଟି ସମ୍ମୁଖରେ ହାଜର କରାଇବା

ପାଇଁ ପରିସ୍ଥିତି ସୁହାଉ ନଥାଏ, ତେବେ କମିଟି ସେହି ବାଳୁତ ବା ବାଳୁତମାନଙ୍କ ନିକଟରେ ପହଞ୍ଚିବା ପାଇଁ ପ୍ରଚେଷ୍ଟା କରିବେ ଏବଂ ଏଭଳି ଏକ ସ୍ଥାନରେ ନିଜର ବୈଠକ କରିବେ, ଯାହାକି ସେହି ବାଳୁତ ବା ବାଳୁତମାନଙ୍କ ପାଇଁ ସୁବିଧାଜନକ ହେଉଥିବ ।

(୩) ଯେଉଁ ପରିସରରେ କମିଟି ନିଜର ବୈଠକ କରାଇବେ, ତାହା ବାଳୁତ-ଅନୁକୂଳ ହୋଇଥିବ ଏବଂ ଏହା କୌଣସି ମତେ ଏକ ଅଦାଲତର ପ୍ରକୋଷ୍ଠ ଭଳି ପ୍ରତୀୟମାନ ହେଉନଥିବ, ଦୃଷ୍ଟାନ୍ତ ସ୍ୱରୂପ, କମିଟି ଏକ ଉଚ୍ଚାଳିଆ ମଞ୍ଚରେ ବସିବ ନାହିଁ ଏବଂ ସମସ୍ତଙ୍କର ବସିବା ପାଇଁ ସମାନ ଧରଣର ବ୍ୟବସ୍ଥା କରାଯାଇଥିବ ତଥା ସେଠାରେ ସାକ୍ଷୀମାନଙ୍କ ଜେରା ପାଇଁ ଉଦ୍ଦିଷ୍ଟ କାଠଗଡା ନଥିବ ।

(୪) ପ୍ରତି ସପ୍ତାହରେ ଅନ୍ତତଃ ତିନି ଦିନ ପାଇଁ କମିଟି ନିଜର ବୈଠକ କରାଇବେ, କିନ୍ତୁ ମାମଲା ଏବଂ ବକେୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ଦିନସଂଖ୍ୟାକୁ ବୃଦ୍ଧି କରିପାରନ୍ତି ।

(୫) ଗୋଟିଏ ବର୍ଷରେ ଅନୁଷ୍ଠିତ ମୋଟ୍ ବୈଠକ ଭିତରୁ ଅନ୍ତତଃ ତିନି-ଚତୁର୍ଥାଂଶରେ ଯୋଗଦାନ କରିବା କମିଟିର ଅଧ୍ୟକ୍ଷ ଏବଂ ପ୍ରତି ସଦସ୍ୟଙ୍କ ପାଇଁ ଆବଶ୍ୟକ ।

(୬) କମିଟି ସମ୍ମୁଖରେ କେତେ କାମ ବାକୀ ଅଛି, ତାହା ଉପରେ ନିର୍ଭର କରିବ ଗୋଟିଏ ବୈଠକ କେତେ ସମୟ ଧରି ବସିବ ।

(୭) ଜଣେ ସଦସ୍ୟ ଗୋଟିଏ ବୈଠକରେ ଅନ୍ତତଃ ଚାରିଘଣ୍ଟା ପାଇଁ ଉପସ୍ଥିତ ରହିବେ ।

**୨୫. କମିଟିର କ୍ଷମତାବଳୀ-**

ଆଇନ୍‌ର ଲକ୍ଷ୍ୟସମୂହକୁ ହାସଲ କରିବା ପାଇଁ କମିଟି ନିମ୍ନୋକ୍ତ କାର୍ଯ୍ୟାବଳୀ ସମ୍ପାଦନ କରିବେ, ଯଥା -

(ଏ) କମିଟି ସମ୍ମୁଖରେ ହାଜର କରାଯାଇଥିବା ବାଳୁତମାନଙ୍କୁ ସଂଜ୍ଞାନକୁ ନେବା ତଥା ଗ୍ରହଣ କରିବା ;

(ବି) କମିଟି ସମ୍ମୁଖରେ ଉପସ୍ଥାପିତ ହୋଇଥିବା ବିଷୟଗୁଡିକ ଉପରେ ନିଷ୍ପତ୍ତି ଗ୍ରହଣ କରିବା ;

(ସି) ଜଟିଳ ପରିସ୍ଥିତିରେ ପଡିଥିବା କାରଣରୁ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଯେଉଁ ବାଳୁତମାନଙ୍କୁ କମିଟି ସମ୍ମୁଖରେ ହାଜର କରାଇବା ସମ୍ଭବ ହେଉନାହିଁ, ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କ ସହାୟତା କ୍ରମେ ସେମାନଙ୍କ ନିକଟରେ ପହଞ୍ଚିବା;

(ଡି) ବାଳୁତର ନିରାପତ୍ତା ଏବଂ କଲ୍ୟାଣ ସହ ସଂପର୍କୀତ ହୋଇଥିବା ଏବଂ ଏହାକୁ ପ୍ରଭାବିତ କରୁଥିବା ସମସ୍ତ ବିଷୟରେ ଅନୁସନ୍ଧାନ କରିବା;

(ଇ) ସାମାଜିକ ଅନୁସନ୍ଧାନ କରିବା ଏବଂ ତହିଁର ରିପୋର୍ଟ ଦାଖଲ କରିବା ପାଇଁ ବାଳୁତ କଲ୍ୟାଣ ଅଧିକାରୀ ବା ପରିବୀକ୍ଷା ଅଧିକାରୀ ବା ବେସରକାରୀ ସଂଗଠନମାନଙ୍କୁ ନିର୍ଦ୍ଦେଶନା ଦେବା;

(ଏଫ୍) ତତ୍କାଳ ଆଶ୍ରୟ ସମେତ ଆବଶ୍ୟକୀୟ ଯତ୍ନ ଓ ସୁରକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା;

(ଜି) ଜିଲ୍ଲା ବାଳୁତ ସୁରକ୍ଷା ଶାଖା ଅଥବା ରାଜ୍ୟ ପୋଷ୍ୟସନ୍ତାନ ସମ୍ବଳ ସଂସ୍ଥା ଏବଂ ଅନ୍ୟାନ୍ୟ ସଂସ୍ଥାସମୂହଙ୍କୁ ତଦାରଖ ଏବଂ ସେମାନଙ୍କ ସହ ସମନ୍ୱୟ ରକ୍ଷା ସହିତ ପିତାମାତା ବା ଅଭିଭାବକ ବା ସମର୍ଥ ବ୍ୟକ୍ତି ବା ସମର୍ଥ ଅନୁଷ୍ଠାନମାନଙ୍କୁ ଏହି ପରିପ୍ରେକ୍ଷୀରେ ଆବଶ୍ୟକୀୟ ନିର୍ଦ୍ଦେଶନା ଦେବା ସମେତ ଯଥୋଚିତ ଥଇଥାନ ଓ ପୁନର୍ମିଳନକୁ ସୁନିଶ୍ଚିତ କରିବା;

(ଏଚ୍) ଆଶ୍ରୟ ଏବଂ ଯତ୍ନ ଲୋଡୁଥିବା ବାଳୁତମାନଙ୍କୁ ଗ୍ରହଣ କରିବା ପାଇଁ ବାଳୁତ ଗୃହମାନଙ୍କର ଭାରପ୍ରାପ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶନା ଦେବା ;

(ଆଇ) କମିଟି ଦ୍ୱାରା ବିଚାର କରାଯାଉଥିବା ପ୍ରତି କେଶ୍‌ର ଏକ ସାରାଂଶ ସାଇତି ରଖିବା ସହିତ ପ୍ରତି କେଶ୍‌କୁ ଲିପିବଦ୍ଧ କରିବା ଓ ତହିଁର ବିଶଦ୍ ତଥ୍ୟାବଳୀ ରକ୍ଷଣାବେକ୍ଷଣ କରିବା ;

(ଜେ) ବାଳୁତମାନଙ୍କ ପାଇଁ ଏକ ବାଳୁତ-ଅନୁକୂଳ ପରିବେଶର ବ୍ୟବସ୍ଥା କରାଇବା ;

(କେ) ବାଳୁତମାନଙ୍କର ଯତ୍ନ ଓ ସୁରକ୍ଷା ପାଇ ଉଦ୍ଦିଷ୍ଟ 'ସମର୍ଥ ଅନୁଷ୍ଠାନସମୂହ'ଙ୍କ ବିଷୟରେ ରାଜ୍ୟ ସରକାରଙ୍କୁ ସୁପାରିଶ୍ କରିବା ;

(ଏଲ୍) 'ସମର୍ଥ ବ୍ୟକ୍ତିସମୂହ'ଙ୍କ ନାମ ଘୋଷଣା କରିବା;

(ଏମ୍) ଗୋଟିଏ ବାଳୁତ ଆଇନ୍ ଦୃଷ୍ଟିରୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣଯୋଗ୍ୟ ବୋଲି ଘୋଷଣା କରିବା ;

(ଏନ୍) ନିଜ କ୍ଷେତ୍ରାଧିକାରର ପରିସୀମା ଭିତରେ ନିଖୋଜ ହୋଇଯାଉଥିବା ବାଳୁତମାନଙ୍କ ସମ୍ବନ୍ଧରେ ସୂଚନା ସଂଗ୍ରହ କରିବା ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ;

(ଓ) ଯେଉଁ ସବୁ କେଶ୍‌ରେ ଯତ୍ନ ଓ ସୁରକ୍ଷା ଲୋଡା, ସେହିସବୁ କେଶ୍ କ୍ଷେତ୍ରରେ ପରିଷଦ ସହିତ ସଂଯୋଗ ରକ୍ଷା କରିବା ;

(ପି) ଯେଉଁସବୁ ଅନୁଷ୍ଠାନଗୁଡିକୁ ଯତ୍ନ ଓ ସୁରକ୍ଷା ବା ପୋଷ୍ୟତା ପାଇଁ ବାଳୁତମାନଙ୍କୁ ପଠାଯାଇଥାଏ, ସେଠାରେ ଥିବା ବାଳୁତମାନଙ୍କର ପ୍ରକୃତ ଅବସ୍ଥାକୁ ସମୀକ୍ଷା କରିବା ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ସୁପାରିଶ୍ କରିବା ପାଇଁ ରାଜ୍ୟ ସରକାରଙ୍କ ସହାୟତାରେ ପ୍ରତି ଅନୁଷ୍ଠାନକୁ ଅନ୍ତତଃ ତିନିମାସରେ ଥରେ ପରିଦର୍ଶନ କରିବା ;

(କ୍ୟୁ) ବାଳୁତମାନଙ୍କୁ ଶୋଷଣ ଓ ଦୁର୍ବ୍ୟବହାର କରାଯାଉଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ନିଜ କ୍ଷେତ୍ରାଧିକାର ଭିତରେ ବାଳୁତମାନଙ୍କ ପାଇଁ କାର୍ଯ୍ୟରତ ସଂଗଠନ ଓ ସଂସ୍ଥାମାନଙ୍କୁ ତଦାରଖ କରିବା ;

(ଆର୍) ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କ ସହାୟତା ନେଇ ବାଳୁତମାନଙ୍କର ଯତ୍ନ ଓ ସୁରକ୍ଷା କାର୍ଯ୍ୟରେ ଜଡିତ ଥିବା ପୋଲିସ୍, ଶ୍ରମ ବିଭାଗ ଏବଂ ଅନ୍ୟାନ୍ୟ ସଂସ୍ଥାମାନଙ୍କ ସହ ସମନ୍ୱୟ ରକ୍ଷା କରିବା ;

(ଏସ୍) ସାମାଜିକ ଅନୁସନ୍ଧାନ, ପୁନର୍ମିଳନ ଓ ଥଇଥାନ ସମେତ ଉପରୋକ୍ତ ଉଦ୍ଦେଶ୍ୟମାନ ପାଇଁ ଯଦି ଓ ଯେବେ ଦରକାର ପଡିବ, ବ୍ୟବସାୟିକ କ୍ଷେତ୍ର ଏବଂ ବେସରକାରୀ ସଂଗଠନମାନଙ୍କ ସହ ସଂଯୋଗ ଓ ସମନ୍ୱୟ ରକ୍ଷା କରିବା ; ଏବଂ

(ଟି) ଉଭୟ ବାଳୁତ ଏବଂ ସାବାଳକ ବ୍ୟକ୍ତିମାନଙ୍କ ଠାରୁ ମତାମତ ସଂଗ୍ରହକୁ ପ୍ରୋତ୍ସାହନ ଦେବା ପାଇଁ ଏକ ପରାମର୍ଶ ବାକ୍ସର ରକ୍ଷଣାବେକ୍ଷଣ କରିବା ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ।

**୨୬. କମିଟିଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟପ୍ରକ୍ରିୟା-**

(୧) ପ୍ରତି ବୈଠକର ସର୍ବନିମ୍ନ ଉପସ୍ଥାନ (କୋରମ୍) ହେବ ୩ଜଣ ସଦସ୍ୟ, ଯେଉଁଥିରେ ଅଧ୍ୟକ୍ଷ ଅନ୍ତର୍ଭୁକ୍ତ ହୋଇପାରନ୍ତି ।

(୨) କମିଟିର ବୈଠକ ଚାଲିନଥିବା ବେଳେ ଯଦି ଜଣେ ସଦସ୍ୟ କୌଣସି ଏକ ନିଷ୍ପତ୍ତି ନେଇଥାନ୍ତି, ତେବେ ତାହା କମିଟିର ପରବର୍ତ୍ତୀ ବୈଠକରେ ଅନୁମୋଦନ ଲାଭ କରିବା ଜରୁରୀ ।

(୩) କୌଣସି ଏକ ମାମଲା ଉପରେ ସିଦ୍ଧାନ୍ତ ନେବା ପୂର୍ବରୁ ସଂପୃକ୍ତ ବାଳୁତର ବୟସ, ବିକାଶର ସ୍ତର, ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ, ବାଳୁତର ମତାମତ ତଥା ବାଳୁତ କଲ୍ୟାଣ ଅଧିକାରୀ ବା ମାମଲା କର୍ମୀଙ୍କ ସୁପାରିଶ୍‌କୁ ବିଚାରକୁ ନେଇଥିବେ ।

(୪) ପ୍ରତି କେଶ୍‌ର ଚୂଡାନ୍ତ ଫଇସଲା କ୍ଷେତ୍ରରେ କମିଟିର ଆଦେଶକୁ ଅଧ୍ୟକ୍ଷଙ୍କ ସମେତ ଅନ୍ତତଃ ଦୁଇଜଣ ସଦସ୍ୟ ସ୍ୱାକ୍ଷର କରିଥିବେ ।

**୨୭. କମିଟି ସମ୍ମୁଖରେ ଜଣେ ବାଳୁତକୁ ହାଜର କରାଇବା-**

(୧) ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତକୁ ଯାତାୟତ ପାଇଁ ଲାଗୁଥିବା ସମୟକୁ ବାଦ୍ ଦେଇ ଚବିଶ୍ ଘଣ୍ଟା ଭିତରେ କମିଟି ସମ୍ମୁଖରେ ନିମ୍ନୋକ୍ତ କୌଣସି ବ୍ୟକ୍ତିଙ୍କ ଦ୍ୱାରା ହାଜର କରାଯିବ-

(ଏ) ଯେ କୌଣସି ପୋଲିସ୍ ଅଧିକାରୀ ବା ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖା ବା ଜଣେ ପଦନାମିତ ପୋଲିସ୍ ଅଧିକାରୀ ;

(ବି) ଯେ କୌଣସି ସରକାରୀ କର୍ମଚାରୀ ;

(ସି) ଚାଇଲ୍ଡ ଲାଇନ୍, ଏକ ପଂଜିକୃତ ସ୍ୱେଚ୍ଛାସେବୀ ସଂଗଠନ ଅଥବା ଅନ୍ୟ କୌଣସି ସ୍ୱେଚ୍ଛାସେବୀ ସଂଗଠନ ବା ଏକ ସଂସ୍ଥା, ଯାହା କି ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥାଇପାରେ ;

(ଡି) ଜଣେ ସମାଜ କର୍ମୀ ;

(ଇ) ସର୍ବସାଧାରଣ ସ୍ୱାର୍ଥ ପାଇଁ ଅନୁପ୍ରେରିତ ଯେ କୌଣସି ନାଗରିକ ; କିମ୍ବା

(ଏଫ୍) ବାଳୁତ ନିଜେ ।

(୨) ଯଦି ଦୁଇବର୍ଷରୁ କମ୍ ବୟସର ଗୋଟିଏ ବାଳୁତ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଅକ୍ଷମ ହୋଇଥାଏ, ତେବେ ସଂପୃକ୍ତ ବ୍ୟକ୍ତି ବା ସଂଗଠନ ଚବିଶ ଘଣ୍ଟା ଭିତରେ କମିଟି ନିକଟକୁ ସେହି ବାଳୁତର ଫଟୋଗ୍ରାଫ୍ ସହିତ ଏକ ଲିଖିତ ରିପୋର୍ଟ ପଠାଇବେ ଏବଂ ଉକ୍ତ ବାଳୁତଟି ଆରୋଗ୍ୟ ହେବା ମାତ୍ରେ ଆବଶ୍ୟକୀୟ ଡାକ୍ତରୀ ରିପୋର୍ଟ ସହିତ ତାକୁ କମିଟିଙ୍କ ନିକଟରେ ହାଜର କରାଇବେ ।

(୩) କମିଟିଙ୍କ ଦୃଷ୍ଟିକୁ ଆସୁଥିବା କେଶ୍‌ଗୁଡିକୁ କମିଟି ଆପେ ଆପେ ସଂଜ୍ଞାନ କରିପାରିବେ ଏବଂ ଯେଉଁସ୍ଥଳେ ଆବଶ୍ୟକ ସେପରି ସ୍ଥଳେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତ ନିକଟରେ ପହଞ୍ଚି ପାରିବେ ଏବଂ ଜିଲ୍ଲା ବା ରାଜ୍ୟ ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାର କମିଟିଙ୍କୁ ଏହି କାର୍ଯ୍ୟମାନ ସଂପାଦନ ପାଇଁ ଆବଶ୍ୟକୀୟ ସହଯୋଗ ଓ ସହାୟତା ଯୋଗାଇଦେବେ ।

(୪) ଯେଉଁସ୍ଥଳେ କମିଟିର ବୈଠକ ଚାଲୁନଥିବ, ସେପରି ସ୍ଥଳେ ଆଇନ୍‌ର ଧାରା ୩୦ ଅନ୍ତର୍ଗତ ଉପଧାରା (୨)ରେ ସୂଚୀତ ହୋଇଥିବା ବ୍ୟବସ୍ଥା ଅନୁଯାୟୀ ସଂପୃକ୍ତ ବାଳୁତକୁ କମିଟିର ଜଣେକ ସଦସ୍ୟଙ୍କ ସମ୍ମୁଖରେ ହାଜର କରାଯାଇପାରେ, ଯାହାର ଉଦ୍ଦେଶ୍ୟ ହେଉଛି, କମିଟିଙ୍କ ସମ୍ମୁଖରେ ହାଜର କରଇବା ପର୍ଯ୍ୟନ୍ତ ସେହି ବାଳୁତକୁ ତା'ର ପିତାମାତା ବା ଅଭିଭାବକ ବା ଯଥାସ୍ଥିତି ସମର୍ଥ ବ୍ୟକ୍ତି ବା ସମର୍ଥ ଅନୁଷ୍ଠାନଙ୍କ ନିରାପଦ ହେପାଜତ୍‌ରେ ରଖାଯାଇପାରିବ ।

(୫) ଯେଉଁସ୍ଥଳେ କମିଟିର କୌଣସି ଜଣେ ସଦସ୍ୟ ଉପଲବ୍ଧ ହେବେନାହିଁ, ବା ଏକ ଅଖାଡୁଆ ସମୟରେ ବାଳୁତକୁ ଅଣାହୋଇଥିବ, ସେପରି ସ୍ଥଳେ ଉକ୍ତ ବାଳୁତକୁ ଏକ ବେସରକାରୀ ସଂଗଠନ ବା ଚାଇଲ୍ଡ-ଲାଇନ୍ ବା ପୋଲିସ୍ ଦ୍ୱାରା ଆଇନ୍ ଅଧୀନରେ ପଂଜିକୃତ ହୋଇଥିବା ଏକ ଯଥୋଚିତ ଅନିଷ୍ଠାନ ନିକଟକୁ ସମସ୍ତ ଆବଶ୍ୟକୀୟ କାଗଜପତ୍ର ସହିତ ନିଆଯିବ ଏବଂ କମିଟିଙ୍କ ସମ୍ମୁଖରେ ହାଜର କାରାଇବା ପର୍ଯ୍ୟନ୍ତ ସେହି ଅନୁଷ୍ଠାନରେ ଆଶ୍ରିତ କରାଯିବ ।

(୬) ସଂପୃକ୍ତ ଅନୁଷ୍ଠାନ କମିଟିର ଅଧ୍ୟକ୍ଷ ବା ଜଣେ ସଦସ୍ୟଙ୍କୁ ଉକ୍ତ ବାଳୁତ ସମ୍ବନ୍ଧରେ ଅବଗତ କରାଇବେ ଏବଂ ଚବିଶ ଘଣ୍ଟା ଭିତରେ କମିଟିଙ୍କ ସମ୍ମୁଖରେ ହାଜର କରାଇବେ ଏବଂ ଏଭଳି ସବୁ କ୍ଷେତ୍ରରେ ଯେଉଁ ବ୍ୟକ୍ତି ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତକୁ ଗୋଟିଏ ଅନୁଷ୍ଠାନକୁ ଆଣିଥିବେ ତାଙ୍କ ପକ୍ଷେ କମିଟିଙ୍କ ସମ୍ମୁଖରେ ବାଳୁତକୁ ହାଜର କଲାବେଳେ ଉପସ୍ଥିତ ରହିବା ଆବଶ୍ୟକ ନପଡିପାରେ ।

(୭) ଯେଉଁ ବ୍ୟକ୍ତିଙ୍କ ଦ୍ୱାରା କମିଟିଙ୍କ ସମ୍ମୁଖରେ ଉକ୍ତ ବାଳୁତକୁ ହାଜର କରାଯାଇଥିବ, ସେ ଏକ ରିପୋର୍ଟ ଦାଖଲ କରିବେ, ଯେଉଁଥିରେ ଏହିସବୁ ବିଷୟ ସୂଚୀତ ହୋଇଥିବ, ଯଥା କିଭଳି ପରିସ୍ଥିତିରେ ବାଳୁତଟି ତାଙ୍କ ନଜରକୁ ଆସିଲା ଏବଂ ପୋଲିସ୍ ତଥା ନିଖୋଜ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ବାହିନୀକୁ ଏବିଷୟରେ ଅବଗତ କରିବା ଦିଗରେ ସେମାନେ କରିଥିବା ପ୍ରଚେଷ୍ଟା ; ଏବଂ

ଯେଉଁସ୍ଥଳେ ଗୋଟିଏ ସ୍ୱୀକୃତିପ୍ରାପ୍ତ ସ୍ୱେଚ୍ଛାସେବୀ ସଂଗଠନ ବା କୌଣସି ପୋଲିସ୍ କର୍ମଚାରୀଙ୍କ ଦ୍ୱାରା କିମିଟିଙ୍କ ସମ୍ମୁଖରେ ସଂପୃକ୍ତ ବାଳୁତକୁ ହାଜର କରାଯାଇଥିବ, ସେପରି ସ୍ଥଳେ ସେମାନେ ମଧ୍ୟ ଏକ ରିପୋର୍ଟ ଦାଖଲ କରିବେ, ଯେଉଁଥିରେ ବାଳୁତର ପରିବାରକୁ ଠାବ କରିବା ଦିଗରେ ସେମାନେ କି ପ୍ରକାର ପ୍ରଚେଷ୍ଟା କରିଛନ୍ତି, ତାହା ସୂଚୀତ ହୋଇଥିବ ।

(୮) କମିଟିଙ୍କ ସମ୍ମୁଖରେ ହାଜର କରାଇବା ବା ଗୋଟିଏ ଅନୁଷ୍ଠାନରେ ଭର୍ତ୍ତି କରାଇବା କ୍ଷେତ୍ରରେ ସଂପୃକ୍ତ ବାଳୁତର ସାଧାରଣ ସ୍ୱାସ୍ଥ୍ୟ ବା ସ୍ତ୍ରୀରୋଗ ସଂବଧୀୟ ପରୀକ୍ଷା କରାଇବାର ପ୍ରାକ୍-ଆବଶ୍ୟକତା ନାହିଁ ।

(୯) ନିଖୋଜ ବାଳୁତସମୂହଙ୍କ କ୍ଷେତ୍ରରେ ଏବଂ ବାଳୁତମାନଙ୍କ ପ୍ରତି ହିଂସା, ଶୋଷଣ ଏବଂ ଦୁର୍ବ୍ୟବହାର ଜଡିତ ଥିବା ମାମଲା ଗୁଡିକ କ୍ଷେତ୍ରରେ କମିଟି ଏକ ପୋଲିସ୍ ଅଭିଯୋଗ ତଥା ପ୍ରାଥମିକ ସୂଚନା ବିବରଣୀ (ଏଫ୍.ଆଇ.ଆର୍.) ଦାଖଲ କରବାର କାର୍ଯ୍ୟକୁ ସୁଗମ କରାଇବେ ଏବଂ ଜିଲ୍ଲା ବାଳୁତ ସୁରକ୍ଷା ଶାଖାର ଆଇନ୍ ଅଧିକାରୀ ବା ଜିଲ୍ଲା ଅବା ରାଜ୍ୟ ଆଇନ୍ ସହାୟତା ସେବା କର୍ତ୍ତୃପକ୍ଷ ବା ସ୍ୱେଚ୍ଛାସେବୀ ସଂଗଠନଙ୍କ ମାଧ୍ୟମରେ ଆବଶ୍ୟକୀୟ ଆଇନ୍ ସହାୟତା ପାଇଁ ବ୍ୟବସ୍ଥା କରିବେ ।

(୧୦) ଯେଉଁସବୁ ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କୁ କମିଟି ଗ୍ରହଣ କରିଥିବେ, ସେମାନଙ୍କ ବିଷୟରେ ଏକ ତ୍ରୈମାସିକ ବିବରଣୀ ସେ ଜିଲ୍ଲା ବା ରାଜ୍ୟ ବାଳୁତ ସୁରକ୍ଷା ଶାଖା ଓ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ ।

(୧୧) କମିଟିର କାର୍ଯ୍ୟବିଧି ଚାଲୁଥିବା ସମୟରେ ସଂପୃକ୍ତ ବାଳୁତମାନଙ୍କ ପାଇଁ ଏକ ବାଳୁତ-ଅନୁକୂଳ ପରିବେଶର ବ୍ୟବସ୍ଥା କରିବାକୁ ପଡିବ ।

(୧୨) ଦୁର୍ବ୍ୟବହାରର ଶୀକାର ହୋଇଥିବା ବାଳୁତମାନଙ୍କର ମାମଲାଗୁଡିକୁ ବିଚାର କରିବା କ୍ଷେତ୍ରରେ କମିଟିଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ କମିଟିଙ୍କ ନିକଟରେ ଓକିଲ, ସମାଜକର୍ମୀ ଏବଂ ମାନସିକ-ସ୍ୱାସ୍ଥ୍ୟବିତ୍ ମାନଙ୍କର ଏକ ପ୍ରାକ୍-ପ୍ରସ୍ତୁତ ତାଲିକା ଉପଲବ୍ଧ ରହିବ, ଏବଂ ଯେବେ ଉକ୍ତ ବାଳୁତମାନଙ୍କ ସଂପର୍କୀତ ମାମଲା ନିୟମିତ ଫୌଜଦାରୀ ଅଦାଲତରେ ବିଚାର ପାଇଁ ଉଠିବ, ସେବେ ଦୁର୍ବ୍ୟବହାରର ଶୀକାର ହୋଇଥିବା ଉକ୍ତ ବାଳୁତମାନଙ୍କ ପାଇଁ ଆଇନ୍ ସେବା ଯୋଗାଣକୁ ସୁଗମ କରିବା ଉଦ୍ଦେଶ୍ୟରେ ଉକ୍ତ ଏହି ତାଲିକାଭୁକ୍ତ ବ୍ୟକ୍ତିମାନେ ମଧ୍ୟ ସରକାରୀ ଅଭିଯୋଜକ ବା ସହକାରୀ ସରକାରୀ ଅଭିଯୋଜକଙ୍କ ସହ ମିଶି ହସ୍ତକ୍ଷେପ କରିପାରନ୍ତି ।

(୧୩) ବାଳୁତର ପରିବାରକୁ ଠାବ କରିବା ପାଇଁ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ସହାୟତାରେ ସମସ୍ତ ସମ୍ଭାବ୍ୟ ଉଦ୍ୟମ କରାଯିବ ଏବଂ ଏଥିପାଇଁ ସ୍ୱୀକୃତିପ୍ରାପ୍ତ ସ୍ୱେଚ୍ଛାସେବୀ ସଂଗଠନସମୂହ, ଚାଇଲଡ୍-ଲାଇନ୍ ବା ପୋଲିସ୍‌ର ସାହାଯ୍ୟ ନିଆଯାଇପାରେ ।

(୧୪) ଅନୁସନ୍ଧାନ ସମାପ୍ତ ହୋଇନଥିବା ସମୟରେ ସଂପୃକ୍ତ ବାଳୁତକୁ କମିଟି ଏକ ପ୍ରାକ୍-ଚିହ୍ନିତ ନିରାପଦ ଆଶ୍ରୟସ୍ଥଳକୁ ରହିବା ପାଇଁ ପଠାଇ ଦେବେ, ଏବଂ ଏପରି ସ୍ଥଳେ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାର ଯାତାୟତର ବ୍ୟବସ୍ଥା କରିବେ ବା ପ୍ରକୃତ ଯାତାୟତ ଭଡା ଭିତ୍ତିରେ ଏପ୍ରକାର ବ୍ୟୟବରାଦକୁ ଆବଶ୍ୟକତା ମୁତାବକ ବଜେଟ୍‌ରେ ସ୍ଥାନିତ କରିବେ ।

(୧୫) ସଂପୃକ୍ତ ବାଳୁତକୁ ନେବା ପାଇଁ ପୋଲିସ୍ ଅଧିକାରୀ ବା ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ସହଚର ଭାବେ କାର୍ଯ୍ୟ କରି ପାରନ୍ତି ଅଥବା ଜିଲ୍ଲା ବାଳୁତ ସୁରକ୍ଷା ଶାଖାର ସହାୟତା କ୍ରମେ କମିଟିଙ୍କ ମତରେ ଯଥୋଚିତ ବିବେଚିତ ହେଉଥିବା ଅନ୍ୟ କୌଣସି ବ୍ୟବସ୍ଥା ଦ୍ୱାରା ଉକ୍ତ ବାଳୁତକୁ

ସ୍ଥାନାନ୍ତର କରାଯାଇ ପାରେ ଏବଂ ଗୋଟିଏ ବାଳୁତ କନ୍ୟା କ୍ଷେତ୍ରରେ ଜଣେ ମହିଳା ସହଚରୀ ତା ସହିତ ଯାତ୍ରା କରିବେ ।

(୧୬) ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାରଙ୍କ ଦ୍ୱାରା ଆଇନ୍‌ର ଧାରା ୩୪ରେ ବିହିତ ହୋଇଥିବା ମତେ ପ୍ରତି ଅନୁଷ୍ଠାନର କ୍ଷମତା ଏବଂ ଯଥୋଚିତ ସୁବିଧାସମୂହର ସୂଚନା ସମ୍ବଳିତ ସମସ୍ତ ସ୍ୱୀକୃତିପ୍ରାପ୍ତ ବାଳୁତ ଯତ୍ନ ଅନୁଷ୍ଠାନର ଏକ ତାଲିକା, ସମସ୍ତ ବାଳୁତ ସଂବନ୍ଧୀତ ସେବାସମୂହର ଏକ ତାଲିକା ଏବଂ ସାରା ଦେଶରେ କାର୍ଯ୍ୟରତ ଥିବା ସମସ୍ତ ବାଳୁତ କଲ୍ୟାଣ କମିଟିର ବିଶଦ୍ ଯୋଗାଯୋଗ ଠିକଣା ସମ୍ବଳିତ ଏକ ତାଲିକା କମିଟିଙ୍କୁ ଯୋଗାଇ ଦିଆଯିବ ।

(୧୭) ଅନୁସନ୍ଧାନ ସମାପ୍ତ ହୋଇନଥିବା ସମୟରେ ବା ଯଥାସ୍ଥିତି ପୁନର୍ମିଳନ ସମୟରେ ପିତା ବା ମାତା, ବା ଅଭିଭାବକ ବା ସମର୍ଥ ବ୍ୟକ୍ତିଙ୍କ ହେପାଜତ୍‌ରେ ସଂପୃକ୍ତ ବାଳୁତକୁ ଜିମା ଦେବାର ଆଦେଶକୁ କମିଟି ଫର୍ମ-୮ରେ ଜାରି କଲାବେଳେ ଉକ୍ତ ପିତା ବା ମାତା, ବା ଅଭିଭାବକ ବା ସମର୍ଥ ବ୍ୟକ୍ତିଙ୍କୁ ଫର୍ମ-୯ରେ ଏକ ଅଙ୍ଗୀକାର ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇ ପାରନ୍ତି ।

(୧୮) ଯେଉଁ ସ୍ଥଳେ କମିଟି ଏକ ବାଳୁତକୁ ଗୋଟିଏ ଅନୁଷ୍ଠାନରେ ଆଶ୍ରିତ କରାଯାଉ ବୋଲି ଆଦେଶ ଦେବେ, ସେପରି ସ୍ଥଳେ ଅନୁସନ୍ଧାନ ସମାପ୍ତ ହୋଇନଥିବା ସମୟରେ ସ୍ୱଳ୍ପ-ମିଆଦି ରହଣି ପାଇଁ ଫର୍ମ-୯ରେ ସେ ଦେଇଥିବା ଉକ୍ତ ଆଦେଶର ଏକକିତା ନକଲ ସହିତ ସଂପୃକ୍ତ ଗୃହ ଏବଂ ପିତା ମାତା ବା ଅଭିଭାବକ ଏବଂ ପୂର୍ବ ରେକର୍ଡ ସମ୍ବନ୍ଧରେ ବିଶଦ୍ ସୂଚନାବଳୀ ଉକ୍ତ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟକୁ ଅଭିପ୍ରେରଣ କରିବେ ।

(୧୯) ଯେଉଁ ସ୍ଥଳେ ଆଇନ୍‌ର ଧାରା ୩୯ ଅନ୍ତର୍ଗତ ଉପଧାରା (୩) ଅଧୀନସ୍ଥ ଅଣ-ଉପଧାରା (ଏଫ୍) ଅନୁଯାୟୀ ଏକ ବାଳୁତକୁ ପୁନର୍ମିଳନ ଦିଗରେ ଏକ ପଦକ୍ଷେପ ରୂପେ ଗୋଟିଏ ସମର୍ଥ ଅନୁଷ୍ଠାନରେ ଆଶ୍ରୟ ଦେବା ପାଇଁ କମିଟି ଆଦେଶ ଦେବେ, ସେପରି ସ୍ଥଳେ ସେ ପୁନର୍ମିଳନ ସମ୍ବନ୍ଧରେ ଫର୍ମ-୧୧ରେ ନିଜେ ଦେଇଥିବା ଆଦେଶର ଏକ କିତା ନକଲକୁ ଉକ୍ତ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀଙ୍କ ନିକଟକୁ ଅଭିପ୍ରେରଣ କରିବେ ।

(୨୦) ଯଦି ସଂପୃକ୍ତ ବାଳୁତ ନିଜର ପିତାମାତା ବା ଅଭିଭାବକମାନଙ୍କ ଦ୍ୱାରା ଦୁର୍ବ୍ୟବହାର ବା ଶୋଷଣର ଶୀକାର ହୋଇଥିବ, ତେବେ ସେପରି ସ୍ଥିତିକୁ ବାଦ୍ ଦେଇ ଅନ୍ୟ ସମସ୍ତ କ୍ଷେତ୍ରରେ ସେହି ବାଳୁତକୁ ଏଭଳି ଏକ ଅନୁଷ୍ଠାନରେ ଆଶ୍ରିତ କରାଯିବ, ଯାହାକି ତା'ର ପିତାମାତା ବା ଅଭିଭାବକମାନେ ରହୁଥିବା ସ୍ଥାନର ଯଥାସମ୍ଭବ ନିକଟବର୍ତ୍ତୀ ହୋଇଥିବ ।

**୨୮. ଅନୁସନ୍ଧାନର ପ୍ରକ୍ରିୟା-**

(୧) ଯେତେବେଳେ ଗୋଟିଏ ବାଳୁତକୁ କମିଟିଙ୍କ ସମ୍ମୁଖକୁ ଅଣାଯାଇଥାଏ, ସେତେବେଳେ କମିଟି ଫର୍ମ-୧୨ରେ ଏକ ଆଦେଶ ଜାରି କରିବା ମାଧ୍ୟମରେ ସଂପୃକ୍ତ ମାମଲାଟିକୁ ଅନୁସନ୍ଧାନ କରିବାର ଦାୟିତ୍ୱ ସଂପୃକ୍ତ ଅନୁଷ୍ଠାନ ବା କୌଣସି ସ୍ୱୀକୃତି ପ୍ରାପ୍ତ ସଂସ୍ଥାର ଯଥାସ୍ଥିତି ଜଣେ ସମାଜ କର୍ମୀ ବା ବାଳୁତ କଲ୍ୟାଣ ଅଧିକାରୀ ବା ଭାରପ୍ରାପ୍ତ ଅଧିକାରୀଙ୍କୁ ନ୍ୟସ୍ତ କରିବେ ।

(୨) ପ୍ରତି ବ୍ୟକ୍ତି ପାଇଁ ଯତ୍ନ ଯୋଜନା ଏବଂ ଉପଯୁକ୍ତ ଥଇଥାନ ବ୍ୟବସ୍ଥା ପ୍ରଣୟନ ଉଦ୍ଦେଶ୍ୟରେ ଯେଉଁସବୁ ସବିଶେଷ ସୂଚନା ବା ତଥ୍ୟାବଳୀ ଆବଶ୍ୟକ, ସେ ସମ୍ବନ୍ଧରେ ଅନୁସନ୍ଧାନ କରିବା ପାଇଁ କମିଟି ସଂପୃକ୍ତ ବ୍ୟକ୍ତି ବା ସଂଗଠନକୁ ନିର୍ଦ୍ଦେଶ ଦେବେ ।

(୩) ଗୋଟିଏ ଅନୁଷ୍ଠାନ ବା କୌଣସି ସ୍ୱୀକୃତିପ୍ରାପ୍ତ ସଂସ୍ଥାର ଜଣେ ସମାଜ କର୍ମୀ ବା ମାମଲା କର୍ମୀ ବା ବାଳୁତ କଲ୍ୟାଣ ଅଧିକାରୀ ବା ଭାରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ସମସ୍ତ ଅନୁସନ୍ଧାନ ଫର୍ମ-୧୩ ଅନୁଯାୟୀ ସମ୍ପାଦିତ ହେବ ଏବଂ ସେଥିରେ ସଂପୃକ୍ତ ବାଳୁତର ପାରିବାରିକ ସ୍ଥିତି

ସମ୍ବନ୍ଧରେ ଏକ ସବିଶେଷ ଆକଳନ ସ୍ଥାନିତ ହୋଇଥିବ, ତଥା ସେଥିରେ ଏହା ମଧ୍ୟ ଲିଖିତ ଭାବେ ବ୍ୟାଖ୍ୟା କରାଯାଇଥିବ ଯେ, ସଂପୃକ୍ତ ବାଳୁତକୁ ତା'ର ପରିବାର ନିକଟରେ ପୁନାର୍ପଣ କରିବା ଦ୍ୱାରା ତା'ର ସର୍ବୋତ୍ତମ ସ୍ୱାର୍ଥ ସାଧିତ ହେବ କି ନାହିଁ।

(୪) ପ୍ରତି ଅନୁସନ୍ଧାନ ଚାରି ମାସ ଭିତରେ ଅଥବା ଏହା ଠାରୁ କମ୍ ସେହି ସମୟ ଅବଧି ଭିତରେ ଯେମିତି ହେଲେ ସମାପ୍ତ ହେବ, ଯାହାକି କମିଟି ଦ୍ୱାରା ନିର୍ଦ୍ଧାରିତ ହୋଇପାରେ :
ପରନ୍ତୁ, ସ୍ୱତନ୍ତ୍ର ପରିସ୍ଥିତିରେ ଓ ବାଳୁତର ସର୍ବୋତ୍ତମ ସ୍ୱାର୍ଥରେ କମିଟି ସଂପୃକ୍ତ କାରଣଗୁଡିକୁ ଲିଖିତ ଭାବେ ଦର୍ଶାଇ ଉକ୍ତ ସମୟ ଅବଧିକୁ ବଢ଼ାଇ ଦେଇପାରନ୍ତି।

(୫) ଅନୁସନ୍ଧାନ ସମାପ୍ତ ହେବା ପରେ ଯଦି ବାଳୁତ ଗୃହରେ ସଂପୃକ୍ତ ବାଳୁତଟିର ଆଶ୍ରୟ ବଜାୟ ରହିବ ବୋଲି ଆଦେଶ ଜାରି ହୋଇଥାଏ, ତେବେ କମିଟି ଉକ୍ତ ଗୃହର ଭାରପ୍ରାପ୍ତ ଅଧିକାରୀଙ୍କୁ ସେହି ବାଳୁତ ସମ୍ବନ୍ଧରେ ତ୍ରୈମାସିକ ଅଗ୍ରଗତି ବିବରଣୀ ଦାଖଲ କରିବା ପାଇଁ ତଥା ଅଗ୍ରଗତିର ଏକ ବାର୍ଷିକ ସମୀକ୍ଷା ନିମନ୍ତେ କମିଟି ସମ୍ମୁଖରେ ସେହି ବାଳୁତକୁ ହାଜର କରାଇବା ପାଇଁ ନିର୍ଦ୍ଦେଶ ଦେବେ।

**୨୯. ବାଳୁତ ଗୃହମାନ-**

(୧) ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ ରାଜ୍ୟ ସରକାର ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସହିତ ମିଶି ନିମ୍ନରେ ସୂଚୀତ ହୋଇଥିବା ମତେ ସ୍ୱତନ୍ତ୍ର ବାଳୁତ ଗୃହମାନ ସ୍ଥାପନା କରିବେ-

(ଏ) ଆଇନ୍‌ର ଧାରା ୩୪ ଅନ୍ତର୍ଗତ ଉପଧାରା (୩) ଏବଂ ଏହି ନିୟମାବଳୀ ଅଧୀନସ୍ଥ ନିୟମ ୭୧ ଅଧୀନରେ ସମସ୍ତ ବାଳୁତ ଗୃହ ବାଳୁତ ଯତ୍ନ ଅନୁଷ୍ଠାନ ରୂପେ ପଂଜିକୃତ ହେବେ ;

(ବି) ନିୟମ ୭୦ରେ ସୂଚୀତ ହୋଇଥିବା ପଦ୍ଧତି ଅନୁଯାୟୀ ସମସ୍ତ ବାଳୁତ ଗୃହଙ୍କୁ ସାର୍ଟିଫିକେଟ୍ ମିଳିବ ;

(ସି) ଯତ୍ନ ଓ ସୁରକ୍ଷା ଲୋଡୁଥିବା ଯେଉଁ ବାଳୁତମାନଙ୍କୁ ବାଳୁତ ଗୃହ ଗ୍ରହଣ କରିବ, ସେଭଳି ପ୍ରତି ବାଳୁତ ସମ୍ବନ୍ଧରେ ଉକ୍ତ ଗୃହ ସଂପୃକ୍ତ କମିଟିକୁ ରିପୋର୍ଟ କରିବେ ;

(ଡି) ଦଶବର୍ଷରୁ କମ୍ ଉଭୟ ଲିଙ୍ଗର ବାଳୁତମାନେ ଗୋଟିଏ ଗୃହ ଅଧୀନରେ ଆଶ୍ରିତ ହୋଇପାରନ୍ତି, କିନ୍ତୁ ପାଞ୍ଚରୁ ଦଶବର୍ଷ ବୟସର ପୁଅ ଓ ଝିଅମାନଙ୍କ ପାଇଁ ଅଲଗା ଅଲଗା ବ୍ୟବସ୍ଥା କରାଯିବ ;

(ଇ) ପ୍ରତି ବାଳୁତ ଗୃହରେ ୦-୫ ବର୍ଷ ବୟସର ବାଳୁତମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଅନ୍ତର୍ଭୁକ୍ତ ରହିବ, ଏବଂ ଶିଶୁ ମାନଙ୍କ ପାଇଁ ଯଥୋଚିତ ବ୍ୟବସ୍ଥାମାନ ସ୍ଥାନିତ ହୋଇଥିବ ;

(ଏଫ୍) ୧୦ରୁ ୧୮ ବର୍ଷ ବୟସର ପୁଅ ଓ ଝିଅମାନଙ୍କ ପାଇଁ ଅଲଗା ଅଲଗା ବାଳୁତ ଗୃହ ସ୍ଥାପନା କରାଯିବ ;

(ଜି) ୧୦ରୁ ୧୮ ବର୍ଷ ବୟସର ବାଳୁତମାନଙ୍କୁ ପୁଣି ଦୁଇଟି ଗୋଷ୍ଠୀରେ ବିବକ୍ତ କରାଯିବ, ଯଥା ୧୦ରୁ ୧୫ବର୍ଷ ଏବଂ ୧୫ରୁ ୧୮ବର୍ଷ।

(୨) ପ୍ରତି ବାଳୁତ ଗୃହ ବାଳୁତମାନଙ୍କର ସର୍ବାଙ୍ଗୀନ ଯତ୍ନ ପାଇଁ ଏକ କେନ୍ଦ୍ର ରୂପେ କାର୍ଯ୍ୟ କରିବ, ଏବଂ ଏହାର ପ୍ରାଥମିକ ଲକ୍ଷ୍ୟ ହେବ ଜନଗୋଷ୍ଠୀ ଓ ସ୍ଥାନୀୟ ବେସରକାରୀ ସଂଗଠନମାନଙ୍କୁ ଜଡିତ କରି ବାଳୁତ ଯତ୍ନ ଦିଗରେ ଏକ ସମନ୍ୱୀତ ପ୍ରୟାସକୁ ପ୍ରୋତ୍ସାହନ ଦେବା ଏବଂ ସେହି ଲକ୍ଷ୍ୟ ଏହି ନିୟମାବଳୀର ନିୟମ ୫୫ ଅଧୀନରେ ଗଠିତ ପରିଚାଳିନା କମିଟି ମାଧ୍ୟମରେ ହାସଲ ହୋଇପାରେ, ଏବଂ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ସରକାର ବାଳୁତ ଗୃହମାନଙ୍କର କାର୍ଯ୍ୟଶୈଳୀକୁ ଏକ ବାର୍ଷିକ ଫଳାଫଳ ଭିତ୍ତିକ ସମୀକ୍ଷା କରିବେ।

(୩) ଏହିସବୁ କେନ୍ଦ୍ରମାନଙ୍କର କାର୍ଯ୍ୟକଳାପ ନିମ୍ନୋକ୍ତ ବିଷୟମାନ ଉପରେ ଅଗ୍ରାଧିକାର ପ୍ରଦାନ କରିବ-

(ଏ) ଅଧିକାର ଭିତ୍ତିକ ଦୃଷ୍ଟିଭଙ୍ଗୀକୁ ଆଧାର କରି ଏବଂ ସୁନିର୍ଦ୍ଦିଷ୍ଟ ଭାବେ ବାଳୁତର ଶାରିରୀକ ଏବଂ ମାନସିକ ସ୍ୱାସ୍ଥ୍ୟ, ଭାବାବେଗଗତ ପ୍ରୟୋଜନସମୂହ, ଶିକ୍ଷା, ଦକ୍ଷତାର ବିକାଶ ଏବଂ ଆବଶ୍ୟକ ସ୍ଥଳେ ସୁରକ୍ଷା ଏବଂ ସ୍ୱତନ୍ତ୍ର ପ୍ରୟୋଜନଗୁଡ଼ିକୁ ପୂରଣ କରିପାରୁଥିବା ପ୍ରତି ବ୍ୟକ୍ତି-ସ୍ତରୀୟ ଯତ୍ନ ପାଇଁ ଯୋଜନା ପ୍ରସ୍ତୁତି କରିବା ଏବଂ ତାକୁ କାର୍ଯ୍ୟରୂପ ଦେବା ;

(ବି) ପରିବାର-ଭିତ୍ତିକ ଅଣ-ଆନୁଷ୍ଠାନିକ ସେବାସମୂହ, ଯଥା ପାଳକ ପାରିବାରିକ ଯତ୍ନ, ପୋଷ୍ୟତା ଏବଂ ପୃଷ୍ଠପୋଷକତା;

(ସି) ସଂଘର୍ଷ ବା ବିପର୍ଯ୍ୟୟ କାଳୀନ ସ୍ଥିତିରେ ଏବଂ ମରଣାନ୍ତକ ବା ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ କିଶୋର ଏବଂ ବାଳୁତମାନଙ୍କ ପାଇଁ ସ୍ୱତନ୍ତ୍ର ସେବାମାନ ଚାଲୁ କରିବା, ଯାହା ଫଳରେ ପରିବାର ପାଇଁ ପରାମର୍ଶ, ପୁଷ୍ଟିସାଧନ, ସ୍ୱାସ୍ଥ୍ୟରକ୍ଷା ପାଇଁ ପଦକ୍ଷେପ, ମନୋ-ସାମାଜିକ ପଦକ୍ଷେପ ଏବଂ ପୃଷ୍ଠପୋଷକତା ମାଧ୍ୟମରେ ସେମାନଙ୍କ ପ୍ରତି ଅବହେଳାକୁ ମୁକାବିଲା କରିହେବ ;

(ଡି) ଚାଇଲଡ୍-ଲାଇନ୍ (ଶୁଳ୍କ-ମୁକ୍ତ ଟେଲିଫୋନ୍ ସେବା ନଂ- ୧୦୯୮) ମାଧ୍ୟମରେ ଜରୁରୀକାଳୀନ କ୍ଷେତ୍ରାଭିମୁଖୀ ସେବା ;

(ଇ) ଛ ବର୍ଷରୁ କମ୍ ବୟସର ବାଳୁତମାନଙ୍କର ଆବଶ୍ୟକତାଗୁଡ଼ିକୁ ମେଣ୍ଟାଇବା ଉଦ୍ଦେଶ୍ୟରେ ସମନ୍ୱିତ ବାଳୁତ ବିକାଶ ସେବାସମୂହ ସହିତ ସଂଯୋଗ ସ୍ଥାପନା କରିବା ;

(ଏଫ୍) ବାଳୁତମାନଙ୍କୁ ବିଭିନ୍ନ ସହାୟତା ସେବା ଯୋଗାଇପାରୁଥିବା ସଂଗଠନ ଓ ବ୍ୟକ୍ତିମାନଙ୍କ ସହ ସଂଯୋଗ ସ୍ଥାପନା କରିବା; ଏବଂ

(ଜି) ବାଳୁତମାନଙ୍କ ପାଇଁ ବିଭିନ୍ନ ସେବା ପ୍ରଦାନ ସକାଶେ ଇଚ୍ଛୁକ ଥିବା ସ୍ୱେଚ୍ଛାସେବୀମାନଙ୍କୁ ସୁଯୋଗ ଯୋଗାଇଦେବା ।

**୩୦. ଆଶ୍ରୟ ଗୃହମାନ-**

(୧) ଯେଉଁ ବାଳୁତମାନଙ୍କୁ ଜରୁରୀ ଯତ୍ନ ଓ ସୁରକ୍ଷା ଯୋଗାଇ ଦେବାର ଆବଶ୍ୟକତା ରହିଛି, ଯଥା ପଥ-ଚାରଣ ବାଳୁତ ଏବଂ ଫେରାର୍ ବାଳୁତ, ରାଜ୍ୟ ସରକାର ସେମାନଙ୍କ ପାଇଁ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଜରିଆରେ ଆବଶ୍ୟକ ସଂଖ୍ୟକ ଆଶ୍ରୟ ଗୃହ ବା ସାମୟିକ ରହଣି କେନ୍ଦ୍ରମାନ ସ୍ଥାପନା ପାଇଁ ସାହାଯ୍ୟ ଯୋଗାଇଦେବେ ।

(୨) ଆଶ୍ରୟ ଗୃହ ମଧ୍ୟରେ ନିମ୍ନୋକ୍ତ ବ୍ୟବସ୍ଥାମାନ ସ୍ଥାନିତ ହେବ :

(ଏ) ସର୍ବାଧିକ ଏକବର୍ଷ ପାଇଁ ଅସ୍ଥାୟୀ ଆଶ୍ରୟ, ଯତ୍ନ ଏବଂ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ ସ୍ୱଳ୍ପରହଣି ଗୃହ ;

(ବି) ସର୍ବାଧିକ ଚାରିମାସ ପାଇଁ ଗୋଟିଏ ବାଳୁତକୁ ଜରୁରୀ ଯତ୍ନ ଏବଂ ସୁରକ୍ଷା ଯୋଗାଇ ପାରୁଥିବା ମଧ୍ୟକାଳୀନ ଗୃହ ;

(ସି) ଦିବାକାଳୀନ ଯତ୍ନ ବା ରାତ୍ରିକାଳୀନ ଆଶ୍ରୟ ସୁବିଧା ଲୋଡୁଥିବା ବାଳୁତମାନଙ୍କ ପାଇଁ ୨୪ ଘଣ୍ଟିଆ ତତ୍କାଳ ରହଣି କେନ୍ଦ୍ର ।

(୩) ପୋଷାକ, ଖାଦ୍ୟ, ସ୍ୱାସ୍ଥ୍ୟ ଯତ୍ନ ଏବଂ ପୁଷ୍ଟି, ନିରାପଦ ପାନୀୟ ଜଳ ଏବଂ ପରିଚ୍ଛନ୍ନତା ଭଳି ମୌଳିକ ପ୍ରୟୋଜନଗୁଡ଼ିକୁ ମେଣ୍ଟାଇପାରୁଥିବାର ସୁବିଧା ସହିତ ଆଶ୍ରୟ ଗୃହ ବା ତତ୍କାଳ ରହଣି କେନ୍ଦ୍ରମାନଙ୍କରେ ସର୍ବନିମ୍ନ ଆବାସିକ ବ୍ୟବସ୍ଥା ସ୍ଥାନିତ ହୋଇଥିବ ।

(୪) ଏହି ନିୟମାବଳୀର ନିୟମ ୪୦(୨)(ଡି) ଅନୁଯାୟୀ ପୁଅ ଓ ଝିଅମାନଙ୍କ ପାଇଁ ଅଲଗା ଅଲଗା ଆଶ୍ରୟ ଗୃହ ରହିବ ।

(୫) ସମସ୍ତ ଆଶ୍ରୟ ଗୃହରେ ଶିକ୍ଷା, ବୈଷୟିକ ତାଲିମ୍, ପରାମର୍ଶ ଏବଂ ମନୋରଞ୍ଜନ ପାଇଁ ଆବଶ୍ୟକୀୟ ସୁବିଧାମାନ ରହିଥିବ ଏବଂ ସମୂହ ବା ବ୍ୟବସାୟିକ ସଂସ୍ଥାମାନଙ୍କ ସହ ସହଯୋଗରେ ଏହିସବୁ ସୁବିଧାଗୁଡିକ ପାଇଁ ବ୍ୟବସ୍ଥା କରାଯିବ ।

(୬) କମିଟି, ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖା, ସରକାରୀ କର୍ମଚାରୀ, ଚାଇଲ୍ଡ୍-ଲାଇନ୍, ସ୍ୱେଚ୍ଛାସେବୀ ସଂଗଠନସମୂହ, ସମାଜ କର୍ମୀ ଏବଂ ନିଜେ ବାଳୁତମାନେ ଗୋଟିଏ ବାଳୁତକୁ ଏପ୍ରକାର ଆଶ୍ରୟ ଗୃହକୁ ପଠାଇପାରନ୍ତି ।

(୭) ଯେତେସବୁ ବାଳୁତ ଆଶ୍ରୟ ଗୃହର ସୁବିଧା ବ୍ୟବହାର କରୁଥିବେ, ସେମାନଙ୍କ ଭିତରୁ ପ୍ରତି ବାଳୁତର ଫଟୋଗ୍ରାଫ୍ ସହିତ ସମସ୍ତଙ୍କ ବିଷୟରେ ପ୍ରତି ଆଶ୍ରୟ ଗୃହ ଏକ ରିପୋର୍ଟ କମିଟି, ନିକୋଜ ବ୍ୟକ୍ତି ବ୍ୟୁରୋ ବା ସ୍ୱତନ୍ତ୍ର କିଶୋର ପୋଲିସ୍ ଶାଖା ଏବଂ ଜିଲ୍ଲା ବାଳୁତ ସୁରକ୍ଷା ଶାଖା ବା ରାଜ୍ୟ ବାଳୁତ ସୁରକ୍ଷା ଶାଖାଙ୍କ ନିକଟରେ ଦାଖଲ କରିବେ ।

(୮) ଆଇନ୍‌ର ଧାରା ୩୨, ୩୩, ୩୮ ଏବଂ ୩୯ ଅଧୀନରେ ଆଶ୍ରୟ ଗୃହ ଗ୍ରହଣ କରିଥିବା ଗୋଟିଏ ବାଳୁତକୁ କମିଟି ସମ୍ମୁଖରେ ହାଜର କରାଇବା, ତାହା ସମ୍ବନ୍ଧରେ ଅନୁସନ୍ଧାନ କରିବା ଏବଂ ଏକ ନିଷ୍ପତ୍ତି ନେବାର ଆବଶ୍ୟକତା କେବଳ ଆଶ୍ରୟ ଗୃହମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହେବ, କିନ୍ତୁ ଏହି ନିୟମାବଳୀର ନିୟମ ୩୦(୨)(ସି)ରେ ବିନିର୍ଦ୍ଦିଷ୍ଟ ହୋଇଥିବା ତତ୍କାଳ ରହଣି କେନ୍ଦ୍ରମାନଙ୍କ ପାଇଁ ନୁହେଁ ।

(୯) ଆଶ୍ରୟ ଗୃହରେ ରହୁଥିବା ବାଳୁତ ମାନଙ୍କର ଉପଯୁକ୍ତ ଯତ୍ନ, ସୁରକ୍ଷା, ବିକାଶ, ଥଇଥାନ ଏବଂ ପୁନଃ-ସଂହତୀକରଣ ଇତ୍ୟାଦି ପ୍ରୟୋଜନଗୁଡିକର ପୂରଣ ପାଇଁ ଭାରପ୍ରାପ୍ତ ଅଧିକାରୀ, ବାଳୁତ କଲ୍ୟାଣ ଅଧିକାରୀ ଏବଂ ସମାଜକର୍ମୀ ସେବା ପ୍ରଦାନ କରିବେ ।

(୧୦) କେବଳ ସ୍ୱତନ୍ତ୍ର ପରିସ୍ଥିତି ବିନା ଏବଂ କମିଟିଙ୍କ ଅନୁମୋଦନ ବିନା ଗୋଟିଏ ବାଳୁତ ସାଧାରଣତଃ ଏକ ସ୍ୱଳ୍ପ ରହଣି ଗୃହରେ ବର୍ଷକ ଠାରୁ ଅଧିକ ସମୟ ଅବଧି ପାଇଁ ରହିବ ନାହିଁ ।

**୩୧. ବାଳୁତମାନଙ୍କୁ ଯୌନଗତ ଅପବ୍ୟବହାରକୁ ନିବାରଣ ପାଇଁ ମାର୍ଗଦର୍ଶୀକା-**

ବାଳୁତମାନଙ୍କ ସର୍ବୋତ୍ତମ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର, ରାଜ୍ୟ ସରକାର, କିଶୋର ନ୍ୟାୟ ପରିଷଦ, ବାଳୁତ କଲ୍ୟାଣ କମିଟି ଏବଂ ଅନ୍ୟାନ୍ୟ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଏବଂ ସଂସ୍ଥାସମୂହ ଏହା ସୁନିଶ୍ଚିତ କରିବେ ଯେ, ପ୍ରତି ବ୍ୟକ୍ତି, ବିଦ୍ୟାଳୟ ବା ଅନ୍ୟ ଶିକ୍ଷାନୁଷ୍ଠାନମାନେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସମୟାନ୍ତରରେ ଘୋଷିତ ହେଉଥିବା ମାର୍ଗଦର୍ଶୀକା ଦ୍ୱାରା ଯେମିତି ହେଲେ ପରିଚାଳିତ ହେବେ ।